ଶନିବାର, ୨୩ ନଭେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ



## ଖେଳି ଖେଳି ହସ

ପପୁ: ମୋତେ ଦିଲ୍ଲୀ ଯିବାର ଅଛି !
ଗପୁ: ଯାଉନ, ସମସ୍ତଙ୍କୁ ଯଦି କହି ବୁଲିବ ଦିଲ୍ଲୀ ଯିବ ବୋଲି ଆଉ ପହଞ୍ଚିପାରିବ ନାହିଁ।

ଅଜୟ: ବିଜୟ, ତୁ କେମିତି କହିପାରିବୁ ଯେ ଚିଲର ଆଖି ବହୁତ ତୀକ୍ଷ୍ଣ।
ବିଜୟ: ଅଜୟ, କାହିଁକି ନା ତୁ କେବେ ତାକୁ ଚଷମା ପିନ୍ଧିଥିବାର ଦେଖିଛୁ !

ଅମୂଲ୍ୟ ବାବୁ ତାଙ୍କ ଘରେ କାମ କରୁଥିବା ବ୍ୟକ୍ତି ରାମୁକୁ ପଚାରିଲେ– ରାମୁ, କହିଲୁ ଘଣ୍ଟାରେ କେତେଟା ସମୟ ହେଲାଣି ।
ରାମୁ: ଆଜ୍ଞା ବାବୁ, ମୋତେ ଘଣ୍ଟା ଚିହ୍ନି ଆସେନି ।
ଅମୂଲ୍ୟ ବାବୁ: ଆଚ୍ଛା କହିଲୁ ଘଣ୍ଟା ଭିତରେ ଥିବା ଦୁଇଟା ଯାକ କଣ୍ଟା କେଉଁଠି ଅଛନ୍ତି ?
ରାମୁ: ଆଜ୍ଞା ବାବୁ, ଦୁଇଟି କଣ୍ଟା ଘଣ୍ଟା ଭିତରେ ଅଛନ୍ତି !

# ବେଲୁନ୍‌ବାଲା ସାଙ୍ଗ

ଗପ



ସେଦିନ ଗୁରୁବାର। ସ୍କୁଲ୍ ପଡ଼ିଆରେ ଆମେ ସମସ୍ତେ ଖେଳୁଥାଉ। ସ୍କୁଲ ପଡିଆ ଗେଟ୍ ପାଖରେ ଗୋଟିଏ ପିଲା ବେଲୁନ ଧରି ବିକ୍ରି କରିବାକୁ ଆସିଥାଏ। ପିଲାମାନେ ସମସ୍ତେ ବେଲୁନ କିଣି ନେଇ ପଡ଼ିଆରେ ଖେଳୁଥାନ୍ତି। ସେଦିନ ମୋ' ପାଖରେ ଆଦୌ ପଇସା ନ ଥାଏ। ତେଣୁ ଇଚ୍ଛା ଥିଲେ ବି ମୁଁ ବେଲୁନଟିଏ କିଣି ପାରୁ ନ ଥାଏ। କିନ୍ତୁ ସାଙ୍ଗମାନେ ମୋ ଆଗରେ ଯେତେବେଳେ ବେଲୁନ ଧରି ଖେଳୁଥାନ୍ତି ମତେ ଭାରି ଲୋଭ ଲାଗୁଥାଏ।

ମୁଁ ବା କରିବି କ'ଣ ! ମନମାରି ଚୁପ ହୋଇ ଗୋଟିଏ ସ୍ଥାନରେ ବସିଥାଏ। ମୁଁ ଭାବୁଥାଏ ମୋ' ପାଖରେ ଯଦି ପଇସା ଥାଆନ୍ତା ମୁଁ ବେଲୁନଟିଏ କିଣି ଖେଳିଥାନ୍ତି। ହେଲେ ଏସବୁ ଭାବନାକୁ ମନରେ ଚାପି ଦେଇ ନିଜକୁ ବୁଝାଇବାକୁ ଚେଷ୍ଟା କଲି। ସବୁ ପିଲା ଖେଳୁଥିବା ବେଳେ ମୁଁ ମୋର ବ୍ୟାଗ୍‌ରୁ ବିସ୍କୁଟ ବାହାର କରି ଖାଇବାକୁ ବାହାରିଲି। ଏତିକି ବେଳେ ବେଲୁନ ବାଲା ପିଲାଟି କହିଲା, ''ଭାଇ, ! ମୋତେ ଭାରି ଭୋକ ଲାଗୁଛି। ଆଜି ସକାଳୁ ଏପର୍ଯ୍ୟନ୍ତ କିଛି ଖାଇନି। ମୋତେ ଦି'ଖଣ୍ଡ ବିସ୍କୁଟ ଦେବକି ''! ପିଲାଟିର ଦୁଃଖ ଦେଖି ମୁଁ ଆଉ ବିସ୍କୁଟ ନ ଖାଇ ପିଲାଟିର ହାତକୁ ବିସ୍କୁଟ ପ୍ୟାକେଟ୍‌ଟି ବଢାଇ ଦେଲି। ପିଲାଟି କହିଲା,''ଭାଇ, ତୁମକୁ ତ ଭୋକ ଲାଗୁଥିବ, ମୋତେ ସବୁ ବିସ୍କୁଟ ଦେଇଦେଲ ଯେ'' ! ମୁଁ କହିଲି, ''ନା ନା! ମୁଁ ଟିଫିନ୍ ଛୁଟିରେ ରୁଟି ଆଉ ଭଜା ଖାଇଛି। ମୋତେ ଆଉ ସେତେ ଭୋକ ନାହିଁ। ତମେ ସବୁ ଖାଇ ଦିଅ''। ମୋ ପାଖରୁ ଏକଥା ଶୁଣିବା ପରେ ପିଲାଟି ମନ ଖୁସିରେ ସବୁତକ ବିସ୍କୁଟ ଖାଇ ପାଣି ବୋତଲେ ପିଇ ଦେଲା। ମୋତେ କହିଲା, ଭାଇ ତୁମକୁ ବହୁତ ବହୁତ ଧନ୍ୟବାଦ। ଏହା କହି ସେ ମୋତେ ଆଣି ଦୁଇଟି ବେଲୁନ ଦେଲା। କହିଲା," ଭାଇ ତୁମେ ଏଇ ବେଲୁନ ନେଇ ଯାଅ ଖେଳିବ"। ମୁଁ କହିଲି," ନାଇଁ ନାଇଁ ମୋ ପାଖରେ ଏବେ ପଇସା ନାହିଁ। କାଲିକି ପଇସା ଆଣିଲେ କିଣିବି। ହେଲେ ବିସ୍କୁଟ ଖାଇବା ପରେ ପିଲାଟିର ଆତ୍ମତୃପ୍ତି ଦେଖି ସେଦିନ ମତେ ଯେଉଁଭଳି ଖୁସି ମିଳିଥିଲା ଆଗରୁ କେବେ ସେମିତି ଅନୁଭବ କରି ନ ଥିଲି।


ଏତିକି ବେଳେ ସ୍କୁଲ୍ ଛୁଟି ଘଣ୍ଟି ବାଜିଲା। ଆମେ ସମସ୍ତେ ତରତର ହୋଇ ସ୍କୁଲକୁ ଧାଇଁଲୁ। ସେଇ ଦିନଠାରୁ ବେଲୁନ ବିକା ପିଲାଟି ପାଇଁ ମୁଁ ନିଇତି ଘରୁ ବିସ୍କୁଟ ଓ ଅନ୍ୟ ଖାଇବା ଆଣେ। ତା' ସହିତ ଏକାଠି ବସି ଖାଏ। ମୋତେ ଦେଖିଲେ ସେ ଫିକ୍ କରି ହସି ଦିଏ। ସେଇଦିନ ଠାରୁ ତା'ର ମୋର ସାଙ୍ଗ ହୋଇଗଲୁ।

**– ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର
ମୋ: ୯୦୪୦୦୩୩୩୯୦

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଭୂତ ପାହାଡ଼



ଭୂତଙ୍କ ପାହାଡ଼ ବା ପ୍ରେତଶୀଳା। ଏମିତି ନାଁରେ ଯେ ଏକ ପାହାଡ଼ ରହିଛି ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ଏଭଳି ଏକ ପାହାଡ଼ ରହିଛି ବିହାରର ଗୟାଠାରେ। ଆଉ ଭିନ୍ନ କଥା ହେଉଛି ନାଁ ଅନୁସାରେ ହିଁ ଏହାର ସ୍ୱତନ୍ତ୍ରତା ବି ରହିଛି। ଭୂତପ୍ରେତଙ୍କ ସହିତ ପାହାଡ଼ଟିର ସମ୍ପର୍କ ରହିଛି। ମାନ୍ୟତା ରହିଛି କି ଏହି ସ୍ଥାନରେ ପିଣ୍ଡଦାନ କଲେ ଆତ୍ମା ମୋକ୍ଷପ୍ରାପ୍ତ ହୋଇଥାଏ। କୌଣସି ଆତ୍ମା ଯଦି ମୋକ୍ଷ ପାଇ ନ ଥାନ୍ତି ତେବେ ଏହିଠାରୁ ତର୍ପଣ ପାଇ ସେମାନେ ମୋକ୍ଷ ହୁଅନ୍ତି। ସେଥିପାଇଁ ପିତୃପକ୍ଷ ସମୟରେ ଏହି ସ୍ଥାନରେ ପିଣ୍ଡଦାନ କରାଯିବାର ପରମ୍ପରା ରହିଛି। ଏଠାରେ ପିଣ୍ଡଦାନ କରିବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି।

ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ ଅକାଳ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ଆତ୍ମା ଶାନ୍ତି ପାଇଁ ଏଠାରେ ପିଣ୍ଡଦାନ କର୍ମ କରାଯାଏ। ଏହି ପାହାଡ ଉପରେ ଏକ ପ୍ରେତଶୀଳା ଓ ଏକ ବ୍ରହ୍ମାକୁଣ୍ଡ ମଧ୍ୟ ରହିଛି, ଯାହା ବିଷୟରେ ବାୟୁପୁରାଣରେ ବର୍ଣ୍ଣନା କରାଯାଇଛି। ପୌରାଣିକ ମାନ୍ୟତା ଅନୁସାରେ ଏହି ସ୍ଥାନର ବିଶେଷ ଗୁରୁତ୍ୱ ରହିଥିବାରୁ ପାହାଡ ଉପରକୁ ଲୋକେ ପିଣ୍ଡଦାନ କରିବା ପାଇଁ ଆସନ୍ତି।

## ମତାମତ

▸▸ 'ରହସ୍ୟମୟ ଜଙ୍ଗଲ' ବିଷୟଟି ପଢ଼ି ସେ ବିଷୟରେ କିଛି ତଥ୍ୟ ଜାଣିହେଲା।

**–ପ୍ରତୀକ ସାହୁ, ସୋନପୁର**

▸▸ 'ଉପାୟ ନିଜ ହାତରେ' ବିଷୟ ବେଶ୍ ଶିକ୍ଷଣୀୟ ହୋଇଛି।

**–ଅର୍ପିତା ନାୟକ, ପାରାଦୀପ, ଜଗତସିଂହପୁର**

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ଭଲ ଲାଗୁଛି।

**–ଅନନ୍ୟା ଦାସ, ବ୍ରହ୍ମପୁର**

▸▸ ବାଲିଯାତ୍ରା ଉପରେ ପ୍ରକାଶିତ କବିତାଗୁଡିକ ପଢ଼ିବାକୁ ଭଲ ଲାଗିଲା।


**–ବିନୀତା ପ୍ରିୟଦର୍ଶିନୀ**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜୋଲ୍ୟୁଶନ୍ ଥିବା) ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ





କେବେ ପାଠପଢ଼ା ତ କେବେ କୌଣସି ଗୁଣକୁ ନେଇ ଅନ୍ୟ ପିଲାଙ୍କ ସହ ତୁଳନା କଲେ ମନରେ ଈର୍ଷାଭାବ ସୃଷ୍ଟି ହୁଏ। ଏହି କାରଣରୁ ସାଙ୍ଗସାଥୀ ନୁହେଁ ବେଳେବେଳେ ନିଜ ଭାଇଭଉଣୀଙ୍କ ପ୍ରତି ମଧ୍ୟ ଅସହିଷ୍ଣୁ ହୋଇପଡନ୍ତି ସେମାନେ। ସେଥିପାଇଁ ମନରେ ବିଦ୍ରୋହ ହୁଏ, ଆଉ ଏକା ରହିବାକୁ ଭଲ ଲାଗେ। ହେଲେ ଏମିତି ଭାବନା ଆଗକୁ ବହୁ ସମସ୍ୟା ସୃଷ୍ଟି କରେ। ତେଣୁ ଠିକ୍ ସମୟରେ ନିଜକୁ ସୁଧାରି ନେବା ଦରକାର।

# ଅସହିଷ୍ଣୁ ଭାବ

ଛୋଟ ଛୋଟ କଥାରେ ପିଲାମାନେ ଅନ୍ୟ ପିଲାଙ୍କ ପ୍ରତି କେବେ କେବେ ଈର୍ଷା କରିଥାନ୍ତି। କିନ୍ତୁ କିଛି ସମୟ ପରେ ପୁଣି ଏକାଠି ହୋଇଯାନ୍ତି। କେବେ ଝଗଡା କରନ୍ତି ତ କେବେ ପୁଣି ଏକାଠି ହୋଇ ସବୁ କରିବା ପାଇଁ ପ୍ରସ୍ତୁତ ହୋଇଯାନ୍ତି। ମାତ୍ର କେତେକଙ୍କ କ୍ଷେତ୍ରରେ ପରସ୍ପର ପ୍ରତି ଈର୍ଷା ଭାବନା ଏତେ ଅଧିକ ହୋଇଯାଏ ଯେ ସେମାନଙ୍କ ମନ ବିଦ୍ରୋହ କରିଥାଏ। ଏମିତିକି ନିଜ ଭାଇଭଉଣୀମାନଙ୍କୁ ମଧ୍ୟ ସେମାନେ ଶତ୍ରୁ ବୋଲି ଭାବିଥାନ୍ତି। ଭାଇଭଉଣୀଙ୍କର କୌଣସି ଗୁଣର ପ୍ରଶଂସା ସହିପାରନ୍ତି ନାହିଁ। ସେମାନଙ୍କର କିଛି ଭଲ କାମ ଦେଖିଲେ ବି ମନରେ ଈର୍ଷା ହୁଏ। ତେବେ ଏଭଳି ଭାବନା ଆଦୌ ଭଲ ନୁହେଁ। ଅଧିକ ଦିନ ଏମିତି ମାନସିକତା ରହିଲେ ତାହା ଧୀରେ ଧୀରେ ଭବିଷ୍ୟତକୁ ନଷ୍ଟ କରି ଦେଇଥାଏ। ଏମିତିକି ସେମାନଙ୍କ ମାନସିକତା ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଧୀରେ ଧୀରେ ସେମାନେ ଏକୁଟିଆପଣ କିମ୍ବା ଡିପ୍ରେସନର ଶିକାର ହୋଇ ଯାଆନ୍ତି। ପାଠପଢ଼ା ଓ ଅନ୍ୟାନ୍ୟ ଦକ୍ଷତାରେ ମଧ୍ୟ ସଫଳତା ହାସଲ କରିପାରନ୍ତି ନାହିଁ। ତେଣୁ ପିଲାମାନେ ନିଜ ମନରୁ ଏହି ଭାବନା ଦୂର କରିବା ଦରକାର। ଏଥିପାଇଁ କେଉଁସବୁ ଦିଗ ପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ ଜାଣିରଖନ୍ତୁ।

## ସକାରାତ୍ମକ ଭାବନା

ଅନ୍ୟ ପିଲାଙ୍କ ସହ ତୁଳନା କରିଲେ କାହାକୁ ଭଲ ଲାଗେନି। ତେଣୁ କୌଣସି ଗୁଣକୁ ନେଇ ଯଦି ଘର ଲୋକେ ଅନ୍ୟ କାହା ସହିତ ତୁଳନା କରନ୍ତି ତେବେ ସେସବୁକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ। ନିଜର କୌଣସି ଦୁର୍ବଳତା ଥିଲେ ସେନେଇ ସଚେତନ ହୁଅନ୍ତୁ। ଅନ୍ୟର କୌଣସି ଭଲ ଗୁଣ ବା ଦକ୍ଷତା ଥିଲେ ସେନେଇ ଈର୍ଷା କରିବା ବଦଳରେ ସତ୍ୟକୁ ଗ୍ରହଣ କରିବା ଶିଖନ୍ତୁ। ମନକୁ ଏଭଳି ଭାବନା ଆସିବା ବଦଳରେ ଯଦି କ୍ରୋଧ ଆସୁଥାଏ ତେବେ ଘରେ ଅଭିଭାବକଙ୍କୁ ବିନମ୍ରଭାବେ ତୁଳନା ନ କରିବା ପାଇଁ ଅନୁରୋଧ କରନ୍ତୁ। ଏହା ସହିତ ନିଜର ଦକ୍ଷତା ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ।

## ଅଧିକ ଆଟେନଶନ

ବେଳେବେଳେ ଅଭିଭାବକମାନେ ପିଲାମାନଙ୍କୁ ସ୍ନେହରେ ଅଧିକ ଆଟେନଶନ ଦେଇଥାନ୍ତି। ଅନ୍ୟମାନଙ୍କ ଆଗରେ ନିଜ ପିଲାଙ୍କର ବଢେଇ ଚଢେଇ ପ୍ରଶଂସା ବି କରନ୍ତି। କିନ୍ତୁ ସେମାନଙ୍କର ଏହି ଭଲପାଇବାର ଭାବନାକୁ ନେଇ ପିଲାଙ୍କ ମନରେ ଗର୍ବ ଆସିଥାଏ। ସେମାନେ ଭାବନ୍ତି ଅନ୍ୟ ସମସ୍ତଙ୍କଠାରୁ ସେମାନଙ୍କର ଦକ୍ଷତା ଯଥେଷ୍ଟ ଅଧିକ। ମାତ୍ର ଏହି ଭାବନା ଅନ୍ୟମାନଙ୍କ ପ୍ରତି ଅଧିକ ଈର୍ଷା ଭାବ ଆଣିଥାଏ। ତେଣୁ ମା'ବାପାଙ୍କର ସ୍ନେହ ବା ସେମାନଙ୍କର ଅଧିକ ଆଟେନସନ୍‌କୁ ନେଇ ଅହଂ ଭାବରେ ଅନ୍ୟମାନଙ୍କ ପ୍ରତି ଈର୍ଷାଳୁ ହେବା ଠିକ୍ ନୁହେଁ।

## ଉଚ୍ଚ ଆକାଂକ୍ଷା

ପିଲାମାନଙ୍କୁ ନେଇ ଅଭିଭାବକମାନେ ବହୁ ସ୍ୱପ୍ନ ଦେଖିଥାନ୍ତି। ଏଥିପାଇଁ ଅନେକ ସମୟରେ ସେମାନେ ପିଲାଙ୍କ ଉପରେ ଚାପ ପକାଇଥାନ୍ତି। ଫଳରେ ପିଲାମାନଙ୍କୁ ଅନ୍ୟମାନଙ୍କ ସହିତ ତୁଳନା କରି ସେଭଳି ହେବା ପାଇଁ ବାରମ୍ବାର କହନ୍ତି। ଏଭଳି ସ୍ଥିତିରେ ଅନ୍ୟପିଲାଙ୍କ ପ୍ରତି ଈର୍ଷାଭାବନା ସୃଷ୍ଟି ହୁଏ। କିନ୍ତୁ ସବୁ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ସମ୍ଭବ ନୁହେଁ। ଏକଥା ଅଭିଭାବକମାନେ ଜାଣିବା ଦରକାର। ଆଉ ପିଲାମାନେ ମଧ୍ୟ ମା'ବାପାଙ୍କୁ ନିଜର କ୍ଷମତା ନେଇ ଖୋଲାଖୋଲି କୁହନ୍ତୁ। ଏହା ବ୍ୟତୀତ କାହା ସହିତ ତୁଳନା କରି ସେପରି ହେବାକୁ କହିବା ମଧ୍ୟ ଏକ ଭୁଲ୍ କଥା ବୋଲି ବୁଝାଇବାକୁ ଚେଷ୍ଟା କରନ୍ତୁ।

## ଏମାନେ କ'ଣ କରନ୍ତି

### ଏବେ ଝଗଡ଼ା ହେଉନି



ଆଗରୁ ମୁଁ ସବୁବେଳେ ମୋ ପାଇଁ ଅଧିକ ଆଟେନଶନ ଆଶା କରୁଥିଲି। ସେଥିପାଇଁ ମୋ ଅପା କିମ୍ବା ବଡ ବାବାଙ୍କ ପୁଅମାନେ ଘରକୁ ଆସିଲେ ସେମାନଙ୍କ ସହ ତୁଳନା କରି ନିଜକୁ ଛୋଟ ମନେ କରୁଥିଲି। ଏହି କାରଣରୁ ତାଙ୍କ ସହିତ ମୋର ଆଗରୁ ଅଧିକାଂଶ ସମୟରେ ଝଗଡା ହେଉଥିଲା। ହେଲେ ଏବେ ବଡ ହେବା ପରେ ଏସବୁ କଥା ବୁଝିପାରିଛି। ତେଣୁ ଏବେ ଆଉ ମୋର ଭାଇଭଉଣୀଙ୍କ ସହିତ ଆଦୌ ଝଗଡା ହେଉ ନାହିଁ। ବରଂ ସେମାନେ ଆସିଲେ ମତେ ଭଲ ଲାଗୁଛି। ସବୁଦିନ ଘରେ ସ୍କୁଲରୁ ଫେରିବା ପରେ ଏକା ଏକା ରହି ମତେ ବୋର୍ ଲାଗେ। ତେଣୁ ଘରକୁ କେହି ଆସିଲେ ତାଙ୍କ ସହିତ ସମୟ କଟେଇବାକୁ ଭଲ ଲାଗୁଛି। ଆଉ ମୁଁ ସାନ ହେଇଥିବାରୁ ମତେ ସବୁ ଭାଇଭଉଣୀ ଖୁବ୍ ଗେହ୍ଲା କରନ୍ତି। ଏବେ ଅନୁଭବ କରିପାରୁଛି କି ଯେଉଁମାନଙ୍କର କେହି ଭାଇଭଉଣୀ ନାହାନ୍ତି ସେମାନଙ୍କୁ ଏକା ସମୟ କଟେଇବା ବହୁତ କଷ୍ଟ।


– **ଆୟୁଷ୍ମାନ୍ ମହାନ୍ତି,** କ୍ଲାସ୍-୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

### ଖୁବ୍ ମଜା ହୁଏ




ଆମେ ସବୁ ଭାଇଭଉଣୀ ଏକାଠି ହେଲେ ଖୁବ୍ ମଜା କରୁ। କାହିଁକିନା ସବୁବେଳେ ତ ଘରେ ଏକାଏକା ରହିବାକୁ ପଡୁଛି। ସେମାନେ ଆସିଲେ ବାବା ଆମକୁ ବୁଲେଇବାକୁ ନିଅନ୍ତି ଆଉ ମାମା ବଢ଼ିଆ ଖାଇବା ସବୁ ରାନ୍ଧନ୍ତି। ତେଣୁ ଘରକୁ କିଏ ଆସିଲେ ମୋର ବି ସମୟ ବହୁତ ଖୁସିରେ କଟେ। ସେମାନଙ୍କ ସହିତ ଖେଳାବୁଲା କରିବା, ଗପସପ କରିବାକୁ ଖୁବ୍ ମଜା ଲାଗେ। ଆମର କାହା ସହ ଝଗଡା ହୁଏନି। ଏକା ରହିବାକୁ ତ ମତେ ଜମାରୁ ଭଲ ଲାଗେନି। ସେଥିପାଇଁ ଅନ୍ୟ ସମୟରେ ସବୁଦିନେ ସ୍କୁଲରୁ ଫେରି ଆମ ବିଲ୍ଡିଂରେ ଥିବା ପିଲାମାନଙ୍କ ସହ କିଛି ସମୟ ଖେଳାବୁଲା କରେ।

– **ଅମ୍ବିକା ସ୍ୱାଇଁ ,** କ୍ଲାସ୍-୬, ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲ, ନିଶ୍ଚିନ୍ତକୋଇଲି, କଟକ





୧



୨




୩




୪



୫



୬



୭



୮



**ମୁଗ୍ଧଶ୍ରୀ ପଣ୍ଡା**
କ୍ଲାସ୍-୬, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ

୧



**ପ୍ରିୟଦର୍ଶୀ ମିଶ୍ର**
କ୍ଲାସ୍- ୬, ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୁରୀ

୨



**ଦୀପକ ସେଠୀ**
କ୍ଲାସ୍- ୪, ଆରତୀ ଦେବୀ ଏଚ୍. ଆଇ. ସ୍ପେଶାଲ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା

୩



**ଦିବ୍ୟାଂଶୀ ଦେବୀଦର୍ଶୀ**
କ୍ଲାସ୍- ୮, ସେଣ୍ଟ ଆର୍ନୋଲ୍ଡସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳିଙ୍ଗ ବିହାର, ଭୁବନେଶ୍ୱର

୪



**ଆରାଧ୍ୟା ଦ୍ୱିବେଦୀ**
କ୍ଲାସ୍- ୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର

୫



**ଉପମିତା ଦାସ**
କ୍ଲାସ୍-୩, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦଶରଥପୁର, ଯାଜପୁର

୬



**ଦେବ ରୋଶନୀ ସାହୁ**
କ୍ଲାସ୍- ୪, ୟଙ୍ଗ୍ ଫୋନିକ୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର

୭



**ଅନ୍ୱେଷା ସାମଲ**
କ୍ଲାସ୍- ୧୦, ଦଶରଥପୁର ଉଚ୍ଚ ବିଦ୍ୟାଳୟ, ଦଶରଥପୁର, ଯାଜପୁର

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଦିନକରେ ୬,୯୩୧ କ୍ୟୁବ

ଫ୍ରି ସମୟରେ ବସି କ୍ୟୁବ ସମାଧାନ କରିବା ପାଇଁ ଅନେକେ ପସନ୍ଦ କରନ୍ତି। କିନ୍ତୁ ଏହି କାମ ବେଳେବେଳେ ଲୋକଙ୍କୁ ବିଭିନ୍ନ ପ୍ରକାର ରେକର୍ଡର ଅଧିକାରୀ କରାଇଥାଏ।



ଏମିତି ଏକ ଭିନ୍ନ ଧରଣର ରେକର୍ଡ କରିଛନ୍ତି ଆମେରିକାର ଜର୍ଜ ସ୍କୋଲେ। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେ ମୋଟ ୬,୯୩୧ଟି କ୍ୟୁବ ସମାଧାନ କରି ପାରିଛନ୍ତି। ତେଣୁ ଗୋଟିଏ କ୍ୟୁବ ସମାଧାନ କରିବା ନିମନ୍ତେ ତାଙ୍କୁ ହାରାହାରି ୧୨ ସେକେଣ୍ଡ ଲାଗିଥିଲା। ଏହି କାମ କରିବା ପାଇଁ ସେ ଲଣ୍ଡନର ଏକ ହୋଟେଲ ରୁମ୍‌କୁ ବାଛିଥିଲେ। ପ୍ରଥମ ୧ ଘଣ୍ଟା ମଧ୍ୟରେ ସେ ୩୨୭ଟି ଓ ତା'ର ୮ ଘଣ୍ଟା ପରେ ୩,୫୦୦ କ୍ୟୁବ ସମାଧାନ କରିପାରିଥିଲେ। ବାକି ସମୟରେ ଅନ୍ୟ ସବୁ କ୍ୟୁବ ସମାଧାନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଜର୍ଜ ସ୍କୋଲେଙ୍କ ପୂର୍ବରୁ ଏଭଳି ଏକ ରେକର୍ଡ କରିଥିଲେ ଏରିକ୍ ଲାଇମବ୍ୟାକ୍। ସେ ୨୪ ଘଣ୍ଟାରେ ୫,୮୦୦ଟି କ୍ୟୁବ ସମାଧାନ କରିଥିଲେ।

## କବିତା

### ଏଣ୍ଡୁରି ପିଠାର ମହକ

ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀ ତିଥିରେ
ପ୍ରଥମାଷ୍ଟମୀ ପାଳିତ ହୁଏ ଘରେ ଘରେ।
ମାମୁ ଘରୁ ଆସେ ଅଷ୍ଟମୀ ଉପକରଣ
ଜ୍ୟେଷ୍ଠ ସନ୍ତାନ ସମ୍ମାନେ ହୁଅନ୍ତି ବନ୍ଦାଣ।
ନୂଆ ବିରି ଚାଉଳକୁ ପାଣିରେ ଭିଜେଇ
ବାଟି ପିଠା କରେ ହଳଦୀ ପତର ପକେଇ।
ଏଣ୍ଡୁରି ପିଠା ମହକି ଯାଏ ଘରେ ଘରେ
ସବୁରି ମନରେ ଆନନ୍ଦ ଓ ଖୁସି ଭରେ।
ସକାଳୁ ଉଠି ଗାଧୁଆସାରି ଜ୍ୟେଷ୍ଠ ସନ୍ତାନ
ପରିଧାନ କରିଥାଆନ୍ତି ନୂତନ ବସନ।
କରିଥାନ୍ତି ମାଆମାନେ ମଙ୍ଗଳକାମନା
ଫୁଲଦୂବ ଚାଉଳରେ କରନ୍ତି ବନ୍ଦାପନା।
ଭକ୍ତିର ସହିତ ଧୂପ ଦୀପ ଜାଳିଥାଏ
ପୂଜାବିଧି ସାରି ଶୁଭ ଆଶୀର୍ବାଦ ଦିଏ।

**– ନଳିନୀ ଦାଶ**
ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

### ପୋଢୁଆଁଷ୍ଟମୀ

ପରିବାରର ପ୍ରଥମ ସନ୍ତାନ
ପାଇଁ ଆଜିଦିନ ଆସିଛି,
ନୂଆ ପୋଷାକରେ କୁନା, ମୁନା ଝୁନି
ସଭିଙ୍କୁ ସୁନ୍ଦର ଦିଶୁଛି।
ବାରମାସେ ତେର ପରବ ଭିତରେ
ମାର୍ଗଶିର ମାସ ଚାଲିଛି,
ନୂଆ ମାଣିକାରେ ନୂଆ ଧାନ ରଖି
ଲକ୍ଷ୍ମୀପୂଜା ଆମ ଜମୁଛି।
ପୋଢୁଆଁ ଅଷ୍ଟମୀ ଆସିଗଲେ ଏଠି
ମାମୁଘର ଖୋଜା ପଡୁଛି।
ଓଡ଼ିଆ ଅସ୍ମିତା ପିଠା,ପଣା,ଓଷା
ସବୁ ଆମ ମାନ ରଖିଛି।
ମହାପ୍ରଭୁ ଆମ ପୋଢୁଆଁ ହୁଅନ୍ତି
ମାମୁଘରୁ ଭାର ଆସିଛି,
କେଡ଼େ ଆନନ୍ଦରେ କେଡ଼େ ମଉଜରେ
ଆଜିର ଦିନଟି ଜମୁଛି।

**– ଜୟଦେବ ବେହେରା**
ସୁବର୍ଣ୍ଣପୁର,ଗୋପ,ପୁରୀ,
ମୋ:୯୫୫୬୭୨୩୦୭୩

### ଜ୍ୟେଷ୍ଠ ପାଇଁ..

ପଢୁଆଁ ଅଷ୍ଟମୀ ଆସିଛି ଆଜି
ସରବେ ଖୁସିରେ ଯାଆନ୍ତି ମଜି।
ଏଣ୍ଡୁରି ପିଠାର ମହକ ଛୁଟେ
ହଳଦୀ ପତର ବାସ ଚହଟେ।
ଆଜିର ଦିନରେ ଜ୍ୟେଷ୍ଠ ସନ୍ତାନ
ବୁଲୁଛନ୍ତି ପିନ୍ଧି ନୂଆ ବସନ।
ଭାରି ନିଆରା ଏ ପ୍ରଥମାଷ୍ଟମୀ
ସଭିଏଁ ଖୁସିରେ ଉଠନ୍ତି ଝୁମି।
ଚାଲ ଯିବା ଲିଙ୍ଗରାଜ ମନ୍ଦିର
ମାମୁଘର ଯାତ୍ରା ଲାଗେ ସୁନ୍ଦର।
ଗରବେ କହିବା ଆମେ ଓଡ଼ିଆ
ଆମ ପରମ୍ପରା ଭାରି ବଢ଼ିଆ।

**– ଦେବେନ୍ଦ୍ର କୁମାର ରାଉଳ**
ଜୁଣଗଡ଼ି, ରାଜନଗର, କେନ୍ଦ୍ରାପଡ଼ା



### ପ୍ରଥମାଷ୍ଟମୀ

ମାର୍ଗଶିର ପ୍ରଥମ ଅଷ୍ଟମୀ
ମହା ଆଡମ୍ବର ! ନ ଥାଏ କମି
ଗାଆଁରୁ ସହର ଚଳଚଞ୍ଚଳ
ପିଲାଠୁ ବଡ଼ ସରବେ ଭୋଳ ।
ବାରମାସର ତେର ପରବ
ପଢୁଆଁ ଅଷ୍ଟମୀ ସେଥିରୁ ଏକ
ପିଲାମାନଙ୍କ ଖୁସି ବହୁତ
ସେଦିନ ପିନ୍ଧନ୍ତି ନୂଆ ପୋଷାକ।
ଘରେ ଘରେ କେତେ ପିଠାପଣା
ସବୁରି ଘରେ ମାମୁ କୁଣିଆ
ଏଣ୍ଡୁରି, କାକରା, ଆରିସା ପିଠା
ଖଜା,ଗଜା, ଲଡୁ , ଚକୁଳି, ମଣ୍ଡା।
ପିଲେ ହସିଲେ ଦୁନିଆ ହସେ
ସେଥିପାଇଁ ପରା ପରବ ଆସେ
ବ୍ୟସ୍ତ ଜୀବନେ ଚେନାଏ ହସ
ମନ ଭରି ଆମେ ପାଳୁ ପରବ ।
ଏମିତି ପରବ ସବୁ ଆସୁଥାଉ
ଜୀବନପଥେ ବଢ଼ିଚାଲୁ
କର୍ମଚଞ୍ଚଳ ହୋଇଉଠୁ
ସବୁରି ମୁଖେ ହସ ଥାଉ ।

**– ଚିତ୍ତରଞ୍ଜନ ମହାନ୍ତି**
ତଗିରା, ରାଣୀତାଲ, ଭଦ୍ରକ
ମୋ: ୯୪୩୮୬୭୦୧୫୦

## ଏଥରର ?

- ଆମ ଦେଶର କେଉଁ ରାଜ୍ୟରେ ସବୁଠୁ ଅଧିକ ସୁନା ଉତ୍ପାଦନ କରାଯାଏ ?
- ବିଦ୍ୟୁତ୍ ତାରରେ କେଉଁ ଧାତୁ ବ୍ୟବହାର କରାଯାଏ ?
- ଏୟାରକ୍ରାଫ୍ଟ ତିଆରି ଇଣ୍ଡଷ୍ଟ୍ରିରେ କେଉଁ ମିନେରାଲ୍ ବ୍ୟବହାର କରାଯାଏ ?
- ପେନ୍‌ସିଲିନ୍ କିଏ ଆବିଷ୍କାର କରିଥିଲେ ?
- ସୌରମଣ୍ଡଳର ଲାଲ ଗ୍ରହ କାହାକୁ କହନ୍ତି ?

## ଗତଥରର ଉତ୍ତର

- ଭିଟାମିନ୍- କେ
- ଲାଙ୍ଗୁଲା ନରସିଂହ ଦେବ
- ଭଦ୍ରବାହୁ
- ଆସାମ
- ଓଡ଼ିଶା

## କହିଲ ଦେଖି

ଏମିତି ସେ ଏକ ପରବ
ଅନ୍ୟ ପରବରେ ଦିଅଁ ପୂଜା ହେଲେ
ଏଠି ପୂଜା ହେଉଥାଏ ମାନବ
ଏହା ପଢୁଆଁ ପିଲାଙ୍କ ଗରବ
ବରଷକୁ ଥରେ ମାମୁ ଆଣିଥାନ୍ତି
ନୂଆ ଜାମା ନୂଆ ଦରବ
ହେଉ ପୁଅ ଅବା ଝିଅଟିଏ ସିଏ
ବଡ ଯିଏ ନୂଆ ପିନ୍ଧିବ
ଯିଏ କହିଦେବ ଏ ପରବ ନାମ
ମାମୁଙ୍କ ଆଦର ପାଇବ।



ଉତ୍ତର – **ପଢୁଆଁ ପର୍ବ, ପ୍ରଥମା ଅଷ୍ଟମୀ**

ଆମେ କହୁଥାଉ ପୁତୁରା ଝିଆରୀ
ମାମୁ କୁହନ୍ତିନି ତାଙ୍କୁ ଏପରି
ମାମୁଙ୍କ ସମ୍ପର୍କେ ସିଏ କିପରି
କହିଲେ ଖାଇବ ପିଠା ଏଣ୍ଡୁରି
କହିଲ ପିଲାଏ ବିଚାର କରି ?



ଉତ୍ତର– **ଭଣଜା ଓ ଭାଣିଜୀ**

ଅଜା ଆଈ ପୁଅ ମାଉସୀ ଭାଇ
ଆସିଲେ ଅଷ୍ଟମୀ ପୂଜାଟି ସେହି
ନୂଆ ଜାମା ଧରି ଆସନ୍ତି ଧାଇଁ
ତାଙ୍କୁ ଆମେ ଡାକୁ କ'ଣ କହି ?



ଉତ୍ତର – **ମାମୁ**

ଗଛଟି ଅଟେ ମସଲା ଜାତୀୟ
ଅଷ୍ଟମୀ ପର୍ବରେ ତା' ପତ୍ର ପ୍ରିୟ
ଏଥିରେ ଗଢ଼ଇ ମାଆ ଏଣ୍ଡୁରି
ଖାଇଲେ ସୁଆଦ ଲାଗଇ ଭାରି
କହିଲ ଦେଖି କେ ନାଆଁ ତାହାରି ?



ଉତ୍ତର– **ହଳଦୀ**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ବୈଜ୍ଞାନିକଙ୍କ ବଗିଚା ନିଶା



ଉଇଲିୟମ୍ ଲରେନ୍ସ ବ୍ରାଗ



ଇଂଲଣ୍ଡର ଜଣେ ବିଶିଷ୍ଟ ବୈଜ୍ଞାନିକ ଥିଲେ ଉଇଲିୟମ୍ ଲରେନ୍ସ ବ୍ରାଗ। ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷକ ଛାତ୍ର ଥିବା ବେଳେ ପିତାଙ୍କ ସହ ମିଶି ସ୍ଫଟିକରେ ଏକ୍ସ-ରଶ୍ମିର ପ୍ରଭାବ ଉପରେ ଗବେଷଣା କରିଥିଲେ। ଏଥିରୁ ସ୍ଫଟିକର ସଂରଚନା ଜାଣିହେଲା। ଏହି କାର୍ଯ୍ୟ ପାଇଁ ପିତା ଓ ପୁତ୍ରଙ୍କୁ ୧୯୧୫ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେତେବେଳକୁ ତାଙ୍କୁ ମାତ୍ର ୨୫ ବର୍ଷ ହୋଇଥିଲା ଏବଂ ନୋବେଲ ପୁରସ୍କାର ପାଇବାରେ ସେ କନିଷ୍ଠ ବ୍ୟକ୍ତି ଥିଲେ। ବର୍ତ୍ତମାନ ସୁଦ୍ଧା ବିଜ୍ଞାନ ବିଭାଗରେ ନୋବେଲ ପୁରସ୍କାର ପାଇବାରେ ସେ କନିଷ୍ଠ ଅଛନ୍ତି।

ଲରେନ୍ସ ବ୍ରାଗ ବଗିଚା କାମ କରିବାକୁ ଭଲ ପାଉଥିଲେ। କେମ୍ବ୍ରିଜ୍‌ରେ ତାଙ୍କ ଘର ଅଗଣାରେ ସେ ଗୋଟିଏ ସୁନ୍ଦର ବଗିଚା କରିଥିଲେ ଏବଂ ପ୍ରତିଦିନ ସେଠାରେ ପ୍ରାୟ ଏକ ଘଣ୍ଟା କାମ କରୁଥିଲେ। ସେ ୧୯୫୪ରେ କେମ୍ବ୍ରିଜ୍ ଛାଡ଼ି ଲଣ୍ଡନରେ ରୟାଲ ଇନ୍‌ଷ୍ଟିଚ୍ୟୁଶନ୍‌ରେ ପ୍ରଫେସର ଭାବରେ ଯୋଗଦେଲେ। ସେଠାରେ ତାଙ୍କୁ ଗୋଟିଏ ଆପାର୍ଟମେଣ୍ଟରେ ଏକ ବିରାଟ ଘର ଦିଆଗଲା। କିନ୍ତୁ ସେଠାରେ ବଗିଚା କରିବାକୁ ଜାଗା ନ ଥିଲା। ଏଥିପାଇଁ ତାଙ୍କ ମନ ବ୍ୟାକୁଳ ହେଲା।

ବ୍ରାଗଙ୍କ ଘରଠାରୁ କିଛି ଦୂରରେ ଜଣେ ଭଦ୍ର ମହିଳା ରହୁଥିଲେ। ତାଙ୍କର ଗୋଟିଏ ସୁନ୍ଦର ବଗିଚା ଥିଲା। ବ୍ରାଗ ଏହାକୁ ଦେଖି ସେଠାରେ କାମ କରିବାକୁ ଇଚ୍ଛା କଲେ। ସେ ଦିନେ ଯାଇ ଭଦ୍ର ମହିଳାଙ୍କୁ ଦେଖାକଲେ ଏବଂ କହିଲେ, ''ମହାଶୟା, ଆପଣଙ୍କ ବଗିଚା ବହୁତ ସୁନ୍ଦର ହୋଇଛି। ମୋତେ ଏହା ବହୁତ ଭଲ ଲାଗୁଛି। ଆପଣ ଯଦି ଦୟାକରି ମୋତେ ଅନୁମତି ଦେବେ, ତାହାହେଲେ ମୁଁ ସପ୍ତାହରେ ଥରେ ଆସି ଏଠାରେ କାମ କରନ୍ତି। ଏହା ମୋତେ ଭଲ ଲାଗିବ।''

ଭଦ୍ର ମହିଳା ଏହି ପ୍ରସ୍ତାବରେ ରାଜି ହେଲେ। ଏହାପରେ ବ୍ରାଗ ପ୍ରତି ସପ୍ତାହରେ ଗୋଟିଏ ଦିନ ଯାଇ ସେଠାରେ ପ୍ରାୟ ଏକ ଘଣ୍ଟା କାମ କରୁଥିଲେ। ସେ କିନ୍ତୁ ନିଜର ନାମ ଓ ବୃତ୍ତିକୁ ଭଦ୍ର ମହିଳାଙ୍କୁ କହି ନ ଥିଲେ। ବ୍ରାଗ ଜଣେ ବୈଜ୍ଞାନିକ ଭାବେ ଖ୍ୟାତି ଅର୍ଜନ କରିଥିଲେ ସୁଦ୍ଧା ଭଦ୍ର ମହିଳା ତାଙ୍କୁ ପୂର୍ବରୁ ଦେଖି ନ ଥିଲେ। ଏଣୁ ସେ ତାଙ୍କର ପ୍ରକୃତ ପରିଚୟ ଜାଣିପାରିଲେ ନାହିଁ। କିଛି ମାସ ପରେ ଭଦ୍ର ମହିଳାଙ୍କ ଘରକୁ ଜଣେ ଅତିଥି ଆସିଥିଲେ। ସେତେବେଳକୁ ବ୍ରାଗ ବଗିଚାରେ କାମ କରୁଥିଲେ। ସେ ବ୍ରାଗଙ୍କୁ ଚିହ୍ନିଥିଲେ। ସେ ଭଦ୍ର ମହିଳାଙ୍କୁ ପଚାରିଲେ, ''ସାର୍ ଲରେନ୍ସ ବ୍ରାଗ ଆପଣଙ୍କ ଫୁଲ ବଗିଚାରେ କ'ଣ କରୁଛନ୍ତି ?'' ଭଦ୍ର ମହିଳା ଆଶ୍ଚର୍ଯ୍ୟ ହୋଇଗଲେ। ଯାହା ହେଉ, ସେ ବ୍ରାଗଙ୍କ ପାଖକୁ ଯାଇ ତାଙ୍କ ବଗିଚାରେ କାମ କରିଥିବାରୁ ଧନ୍ୟବାଦ ଦେଲେ। ବ୍ରାଗ ମଧ୍ୟ ପୂର୍ବଭଳି ପ୍ରତି ସପ୍ତାହରେ ଥରେ ପରୀକ୍ଷାଗାର ଛାଡି ବଗିଚାରେ କାମ କଲେ।

**-ଇଂ. ମାୟାଧର ସ୍ୱାଇଁ**
୭୦, ଲକ୍ଷ୍ମୀବିହାର ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪




# ବଢ଼ୁଛି ମାଉଣ୍ଟ ଏଭରେଷ୍ଟ ଉଚ୍ଚତା

ପୃଥିବୀର ସବୁଠାରୁ ଉଚ୍ଚତମ ପର୍ବତ ହେଉଛି ଆମ ଦେଶର ଉତ୍ତର ଦିଗରେ ଥିବା ହିମାଳୟ। ଏବେ ଏହି ପର୍ବତରେ ଥିବା ଶୃଙ୍ଗ ମାଉଣ୍ଟ ଏଭରେଷ୍ଟକୁ ନେଇ ପୁଣି ଥରେ ଆଲୋଚନା ଆରମ୍ଭ ହୋଇଛି। କାରଣ ଗତ କିଛି ବର୍ଷ ହେବ ଏହାର ଉଚ୍ଚତାରେ ବୃଦ୍ଧି ପରିଲକ୍ଷିତ ହେଉଛି। ତେବେ ଏହା ପଛରେ ବୈଜ୍ଞାନିକ କାରଣ ରହିଛି। ଟେକ୍‌ଟୋନିକ୍ ପ୍ଲେଟର ଗତିବିଧି ଅନୁସାରେ ପାହାଡ ପର୍ବତ ସୃଷ୍ଟି ହୋଇଥାଏ। ମାଟିର ଅନେକ ଗଭୀରରେ ଏହି ପ୍ଲେଟ ଅବସ୍ଥିତ। ଏହାର ଗତିଶୀଳତା ଏବଂ ପରସ୍ପର ମଧ୍ୟରେ ଧକ୍କା ହେବା ଦ୍ୱାରା ପର୍ବତ ସୃଷ୍ଟି ହୁଏ। ଭାରତୀୟ ପ୍ଲେଟ ଏବଂ ୟୁରେସିୟନ ପ୍ଲେଟ ପରସ୍ପର ମଧ୍ୟରେ ଧକ୍କା ହେବା ଯୋଗୁ ହିମାଳୟ ପର୍ବତ ସୃଷ୍ଟି ହୋଇଥିଲା। ଭୂବିଜ୍ଞାନୀମାନେ ମତ ଦେଇଛନ୍ତି ଯେ ବର୍ତ୍ତମାନ ଏହି ପ୍ଲେଟ ଦ୍ୱୟ ପରସ୍ପର ଆଡକୁ ଗତି କରୁଛନ୍ତି। ଏହାଦ୍ୱାରା ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହାର ଆଉ ଏକ କାରଣ ହେଉଛି ଭୂମିକମ୍ପ। ଏହାଦ୍ୱାରା ପ୍ଲେଟଗୁଡିକରେ ଅସ୍ଥିରତା ସୃଷ୍ଟି ହୁଏ, ଯାହାଦ୍ୱାରା ପର୍ବତର ଉଚ୍ଚତା ବୃଦ୍ଧି ପାଇଥାଏ। ନିକଟରେ ବୈଜ୍ଞାନିକମାନ ପର୍ବତର ଉଚ୍ଚତା ବୃଦ୍ଧିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଖୋଜି ପାଇଛନ୍ତି। ଏହାକୁ ସେମାନେ 'ଆଇସୋଷ୍ଟେଟିକ୍ ରିବାଉଣ୍ଡ' ନାମରେ ନାମିତ କରିଛନ୍ତି। ମାଉଣ୍ଟ ଏଭରେଷ୍ଟ ଉପରେ ଯେଉଁଭଳି ଭାବରେ ବରଫର ଆସ୍ତରଣ ବୃଦ୍ଧି ପାଉଛି, ତାହାଦ୍ୱାରା ଏହାର ପ୍ରଭାବ ପ୍ଲେଟ ଉପରେ ପଡୁଛି। ଏହା ଉଚ୍ଚତା ବୃଦ୍ଧିର ଅନ୍ୟତମ କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି।



# ପ୍ରଜାପତିଙ୍କ ରଙ୍ଗ ରହସ୍ୟ

ପ୍ରଜାପତି ପ୍ରକୃତିର ଅନ୍ୟତମ ଅଦ୍ଭୁତ ସୃଷ୍ଟି। ହେଲେ ଏକାଥରେ ପ୍ରଜାପତି ଜନ୍ମ ନିଏନା। ଅଣ୍ଡାରୁ ଲାର୍ଭା ବାହାରିବା ପରେ କେତୋଟି ସୋପାନ ଦେଇ ଗତି କଲେ ପ୍ରଜାପତିର ସୃଷ୍ଟି ହୁଏ। ପ୍ରଜାପତି ଯେତେବେଳେ ଦଳଦଳ ହୋଇ ଉଡୁଥାଆନ୍ତି ଦେଖିବାକୁ ଭାରି ସୁନ୍ଦର ଲାଗେ। କାରଣ ସେମାନଙ୍କର ରଙ୍ଗ ଭିନ୍ନ ଭିନ୍ନ। ତେବେ ସେମାନଙ୍କର ଏଭଳି ରଙ୍ଗ ପଛରେ ରହସ୍ୟ ରହିଛି। ତାହା କ'ଣ ଆସ ଜାଣିବା। ପ୍ରଜାପତି ଡେଣାରେ ରଙ୍ଗିନ ପିଗ୍‌ମେଣ୍ଟ ରହିଛି। ଏଥିଯୋଗୁ ହିଁ ସେମାନଙ୍କର ରଙ୍ଗ ଅଲଗା ଅଲଗା ହୋଇଥାଏ। ମେଲାନିନ୍ ରହିଥିବା କାରଣରୁ ସେମାନଙ୍କର ଡେଣାର ରଙ୍ଗ କଳା, ବାଦାମୀ ହୋଇଥାଏ। ଏହା ବ୍ୟତୀତ ଅନ୍ୟ ପିଗ୍‌ମେଣ୍ଟ ଯେମିତିକି କେରୋଟିନାଇଡ୍ସ ଏବଂ ଫ୍ଲୋବୋଜାଇଟ୍‌ସ ଯୋଗୁ ଡେଣା ହଳଦିଆ,ନାରଙ୍ଗୀ କିମ୍ବା ଲାଲ ଦେଖାଯାଏ। ଏହାବ୍ୟତୀତ ପ୍ରଜାପତିମାନେ ଉଡୁଥିବା ସମୟରେ ସେମାନଙ୍କ ଡେଣା ଉପରେ ସୂର୍ଯ୍ୟକିରଣ ପଡିଲେ ସେଥିରୁ କେତେକ ରଙ୍ଗିନ ରଶ୍ମି ନିର୍ଗତ ହୁଏ, ଯାହାଦ୍ୱାରା ସେମାନଙ୍କର ଡେଣା ଆହୁରି ରଙ୍ଗିନ ଆଉ ସୁନ୍ଦର ଦେଖାଯାଏ। ବୈଜ୍ଞାନିକ ଭାଷାରେ ଏହାକୁ 'ଇରିଡିସେନ୍ସ' ବୋଲି କୁହାଯାଏ।



# ଆ ଇ ନା



**ସମୀକ୍ଷା ଦାସ**
୭ ବର୍ଷ/ମାଲକାନଗିରି



**ଶିବାଂଶିକା ବେହେରା**
୬ ବର୍ଷ/କୋରାପୁଟ